# କଥା ଏବଂ ଭାଷା ବିକାଶକୁ ପ୍ରୋତ୍ସାହନ କରିବା ପାଇଁ ଟିପ୍ସ

- ଉଚ୍ଚ ସ୍ୱରରେ, ଗୀତ ଗାଆନ୍ତୁ | ଆପଣ କଥାବାର୍ତ୍ତା କଲାବେଳେ ଏହା ଆପଣଙ୍କରଆପଣର ଶିଶୁର ଧ୍ୟାନ କେନ୍ଦ୍ରିତ କରିବାରେ ପାଇବାରେ ସାହାଯ୍ୟ କରେ |
- ଶବ୍ଦ ସହିତ ଖେଳେ | ଖେଳିବା ସମୟରେ ମଜା କରନ୍ତୁ ଏବଂ ଶବ୍ଦ କରନ୍ତୁ ଯାହାକି ଶିଶୁ ଆନନ୍ଦର ସହିତ ଉପଭୋଗ କରିବେ |
- ଶବ୍ଦ ର ଅର୍ଥ ସହ ମେଳ କରିବା କୁ ମୁଖର ଅଭିବ୍ୟକ୍ତି ଏବଂ ଅଙ୍ଗଭଙ୍ଗୀ ବ୍ୟବହାର କରନ୍ତୁ |
- ଆପଣ ନିଜ ଶିଶୁକୁ ପୋଷାକ ପିନ୍ଧାଇବା, ଖୁଆଇବା ଏବଂ ସ୍ନାନ କରିବା ସମୟରେ ଏହି କାର୍ଯ୍ୟକୁ ବର୍ଣ୍ଣନା କରନ୍ତୁ । ଦୈନିକ କାର୍ଯ୍ୟକଳାପ ସହିତ ସମାନ ଶବ୍ଦ ଯୋଡ଼ିବା ର ଅଭ୍ୟାସ ହେଉଛି ଭାଷା ବିକାଶ କରିବାର ଏକ ଉତ୍ତମ ଉପାୟ |
- ଦ୍ୱିପାକ୍ଷିକ ଯୋଗାଯୋଗକୁ ଉତ୍ସାହିତ କରନ୍ତୁ | ଯେତେବେଳେ ଆପଣଙ୍କର ଶିଶୁ ଧ୍ୱନି, ଶବ୍ଦ, କିମ୍ବା ଅଙ୍ଗଭଙ୍ଗୀ ବ୍ୟବହାର କରି ଆପଣଙ୍କ ସହିତ ଯୋଗାଯୋଗ କରେ, ପ୍ରତିକ୍ରିୟା ପ୍ରକାଶ କରନ୍ତୁ ଏବଂ କଥାବାର୍ତ୍ତାକୁ ଆଗେଇ ନିଅନ୍ତୁ ।
- ଆପଣଙ୍କ ଶିଶୁ ସହିତ ମିଶି ପଢ଼ନ୍ତୁ | "ପଢ଼ିବାର ଅର୍ଥ ଲିଖିତ ଶବ୍ଦକୁ ଅନୁସରଣ ନକରି ଚିତ୍ର ବର୍ଣ୍ଣନା କରିବା | ବଡ଼, ରଙ୍ଗୀନ ଚିତ୍ର ସହିତ ପୁସ୍ତକ ବାଛନ୍ତୁ ଏବଂ ପରିଚିତ ବସ୍ତୁକୁ ସୂଚାଇବା ଏବଂ ନାମ ଦେବା ପାଇଁ ଆପଣଙ୍କ ଶିଶୁଙ୍କୁ ଉତ୍ସାହିତ କରନ୍ତୁ |
- ସମୋନେ ପୂର୍ବରୁ ଜାଣିଥିବା ଶବ୍ଦକୁ ବ୍ୟବହାର କରି ଆପଣଙ୍କ ଶିଶୁଙ୍କ ଶବ୍ଦକୋଷକୁ ବିସ୍ତାର କରନ୍ତୁ | ଉଦାହରଣ ସ୍ୱରୂପ, ଯଦି ଆପଣଙ୍କର ଶିଶୁ "କୁକୁର କୁହନ୍ତି, ଆପଣ କହିପାରିବେ "ହଁ, ଏହା ଏକ ବଡ କୁକୁର!"
- ଆପଣଙ୍କ ଶିଶୁଙ୍କ ବାକ୍ୟ ଖଣ୍ଡ ଗୁଡିକ ବୁଝିବାକୁ ଚେଷ୍ଟା କରନ୍ତୁ | ଯଦି ଆପଣଙ୍କର ଶିଶୁ ଭାଷାରେ ତ୍ରୁଟି କରନ୍ତି, ତବେ ସମୋନଙ୍କର ବାକ୍ୟାଂଶ ସହିତ ସଠିକ୍ ରୂପରେ ପ୍ରତିକ୍ରିୟା ଦିଅନ୍ତୁ । ଏହା ସମୋନଙ୍କୁ ଉପଯୁକ୍ତ ଉଚ୍ଚାରଣ ଏବଂ ବ୍ୟାକରଣ ଶିଖିବାରେ ସାହାଯ୍ୟ କରେ । ଉଦାହରଣ ସ୍ୱରୂପ, ଯଦି ଆପଣଙ୍କର ଶିଶୁ "କୁକୁର ବଡ"କହନ୍ତି, ତବେ ଆପଣ "ହଁ, କୁକୁର ବଡ଼ସହିତ ଉତ୍ତର ଦେଇପାରିବେ ।

# ଦୁଇ ପ୍ରକାରର ଯୋଗାଯୋଗ ଦକ୍ଷତାଗୁଡିକ ।

ଜନ୍ମରୁ ଶିଶୁ ଦୁଇଟି ଯୋଗାଯୋଗ ଦକ୍ଷତା ବିକାଶ କରିବାକୁ ଆରମ୍ଭ କରେ ଯାହାକି ଜୀବନବ୍ୟାପି ଜାରି ରହିଥାଏ ।

- ଗ୍ରହଣୀୟ ଯୋଗାଯୋଗ ହେଉଛି ଅନ୍ୟ ଜଣଙ୍କଠାରୁ ଏକ ବାର୍ତ୍ତା ଗ୍ରହଣ ଏବଂ ବୁଝିବାର କ୍ଷମତା । ଶିଶୁ ଆପଣଙ୍କ ସ୍ୱର ଆଡକୁ ମୁଣ୍ଡ ବୁଲାଇ ସରଳ ବିଷୟକୁ ପ୍ରତିକ୍ରିୟା କରି ଏହି ଦକ୍ଷତା ପ୍ରଦର୍ଶନ କରେ ।
- ଶବ୍ଦ, କଥା, ଚିହ୍ନ, କିମ୍ବା ଲେଖା ମାଧ୍ୟମରେ ଅନ୍ୟ ଜଣକୁ ବାର୍ତ୍ତା ପହଞ୍ଚାଇବାର କ୍ଷମତା ହେଉଛି ବ୍ୟାଖ୍ୟାତ୍ମକ ଯୋଗାଯୋଗ | କାନ୍ଦିବା, ଏଣୁ ତେଣୁ କହିବା ଏବଂ ଶରୀର ଭାଷା ବ୍ୟବହାର କରିବା ହେଉଛି ଶିଶୁର ପ୍ରାରମ୍ଭିକ ଆବଗେ ପ୍ରକାଶର ଉଦାହରଣ |

Pathways.org

Pathways.org ଏକ ଶିଶୁର ମୋଟର, ଇନ୍ଦ୍ରିୟ ଏବଂ ଯୋଗାଯୋଗ ବିକାଶକୁ ବଢ଼ାଇବା ପାଇଁ ମାଗଣା ଉପକରଣ ଏବଂ ଉତ୍ସ ସହିତ ପିତାମାତା ଏବଂ ସ୍ୱାସ୍ଥ୍ୟ ପସୋଦାରମାନଙ୍କୁ ସଶକ୍ତ କରିଥାଏ |

friends@pathways.org
www.pathways.org

ମାଗଣାରେ କପି କରନ୍ତୁ |
ପରିବର୍ତ୍ତନ କରନ୍ତୁ ନାହିଁ | PATHWAYS.ORG. କୁ ପ୍ରାପ୍ତିସ୍ୱୀକାର କରନ୍ତୁ । ଏହି କାର୍ଯ୍ୟର ଯେ କୌଣସି ଅଂଶ ଉଲ୍ଲେଖେ କରିବାକୁ ଅନୁମତି Pathways.org ରୁ ପ୍ରାପ୍ତ କରିବା ଆବଶ୍ୟକ । ସାମଗ୍ରୀଗୁଡିକ ମାଗଣାରେ ପ୍ରଦାନ କରାଯାଇଥାଏ । ପୂର୍ବ ଲିଖିତ ଅନୁମୋଦନ ବିନା କୌଣସି Pathways.org ସାମଗ୍ରୀ ସହିତ କୌଣସି ଶୁଳ୍କ କିମ୍ବା ଦୟେ ସାମିଲ୍ ହୋଇପାରିବ ନାହିଁ ।
© କପିରାଇଟ୍ 2020

Pathways.org ହେଉଛି 501 (ସି) (3) ଅନ୍ତର୍ଗତ ଏକ ଅଣ-ଲାଭଦାୟକ ଅନୁଷ୍ଠାନ

Pathways.org

# କଥା ଏବଂ ଭାଷା ବିକାଶର ଏକ ପରିଚୟ

## ଶିଶୁ ବିକାଶକୁ ବଢ଼ାଇବା କରିବା ପାଇଁ ମାଗଣା ଉପକରଣ |

Pathways.org ହେଉଛି 501 (ସି) (3) ଅନ୍ତର୍ଗତ ଏକ ଅଣ-ଲାଭଦାୟକ ଅନୁଷ୍ଠାନ

| Pathways.org | କଥା ଏବଂ ଭାଷା | ଶୁଣିବା ଏବଂ ବୁଝିବା |
|---|---|---|
| 3 ମାସ ସୁଦ୍ଧା | ○ ଆଖି ରେ ଯୋଗାଯୋଗ କରେ<br>○ ବିଭିନ୍ନ ଆବଶ୍ୟକତା ପାଇଁ ଭିନ୍ନ ଭାବରେ କାନ୍ଦନ୍ତି, ଯଥା ଭୋକ ହେବା ବନାମ କ୍ଳାନ୍ତ ଅନୁଭବ କରିବା<br>○ ଖେଳିବା ଏବଂ ହସିବା | ○ ଶବ୍ଦ କିମ୍ବା ସ୍ୱର ଆଡକୁ ମୁଣ୍ଡ ବୁଲାଇଥାଏ<br>○ ଧ୍ୱନି କିମ୍ବା ସ୍ୱରର ଉତ୍ତରରେ ଶାନ୍ତ ହୁଏ କିମ୍ବା ହସେ<br>○ ଚେହେରା ପ୍ରତି ଆଗ୍ରହ ଦେଖାଏ |
| 6 ମାସ ସୁଦ୍ଧା | ○ କଥା ହେବା ସମୟରେ ବ୍ୟଞ୍ଜନବର୍ଣ୍ଣଣ ଶବ୍ଦ ବ୍ୟବହାର କରିବା ଆରମ୍ଭ କରେ, ଯଥା ଦା ଦା ଦା<br>○ ଭାବନାକୁ ପ୍ରକାଶ କରିବା ପାଇଁ ବିଭିନ୍ନ ପ୍ରକାରର ଧ୍ୱନି ସୃଷ୍ଟି କରେ<br>○ ଧ୍ୟାନ ପାଇବା ପାଇଁ ଏଣୁ ତେଣୁ ଶବ୍ଦର ବ୍ୟବହାର କରେ | ○ କଥା ହେବାବେଳେ ଶୁଣନ୍ତି ଏବଂ ପ୍ରତିକ୍ରିୟା କରେ<br>○ ହଠାତ୍ କୋଳାହଳ ବା ଶବ୍ଦ ଉପରେ ପ୍ରତିକ୍ରିୟା କରେ<br>○ ଶବ୍ଦ ସୃଷ୍ଟି କରୁଥିବା ଖେଳେନାକୁ ଦେଖେ |
| 9 ମାସ ସୁଦ୍ଧା | ○ ଶବ୍ଦକୁ ଅନୁକରଣ କରେ<br>○ ଏଣୁ ତେଣୁ ବିଭିନ୍ନ ପ୍ରକାରର ଧ୍ୱନି ଏବଂ ଶବ୍ଦର ମିଶ୍ରଣ ବ୍ୟବହାର କରେ<br>○ ଦ୍ୱିପାକ୍ଷିକ ଯୋଗାଯୋଗରେ ଅଂଶଗ୍ରହଣ କରନ୍ତି | ○ ସମୋନଙ୍କ ନାମର ଶବ୍ଦ ଚିହ୍ନିଥାଏ<br>○ ପରିଚିତ ବସ୍ତୁ ଏବଂ ଲୋକଙ୍କୁ ଦେଖେ<br>○ ଅଙ୍ଗଭଙ୍ଗୀ ସହିତ ଯୋଡି ହୋଇଥିବା କିଛି ରୁଟିନ୍(ଦୈନନ୍ଦିନ କାର୍ଯ୍ୟକଳାପ) ନିର୍ଦ୍ଦେଶେ ଅନୁସରଣ କରେ |
| 12 ମାସ ସୁଦ୍ଧା | ○ ଅର୍ଥପୂରଣଣ ଭାବରେ "ମାମା"କିମ୍ବା "ଦାଦାବ୍ୟବହାର କରେ<br>○ ବକ୍ତବ୍ୟ ଶବ୍ଦକୁ ଅନୁକରଣ କରେ<br>○ ଏଣୁ ତେଣୁ ଶବ୍ଦ ଓ ସ୍ୱରରେ କଥାକୁ ପ୍ରକାଶ କରେ | ○ "ନା କୁ ପ୍ରତିକ୍ରିୟା କରେ<br>○ ସରଳ ନିର୍ଦ୍ଦେଶେ ଗୁଡ଼ିକୁ ଗ୍ରହଣ କରେ, ଯଥା "ଏଠାକୁ ଆସ"<br>○ ଆପଣ କଉଁଠାରେ ଦେଖେଛନ୍ତି ଏବଂ ସୂଚାଉଛନ୍ତି ତାହା ଧ୍ୟାନ ଦିଏ |
| 15 ମାସ ସୁଦ୍ଧା | ○ 5-10 ଶବ୍ଦ ବ୍ୟବହାର କରିପାରନ୍ତି<br>○ ସରଳ ଶବ୍ଦ ଏବଂ କାର୍ଯ୍ୟକୁ ଅନୁକରଣ କରେ<br>○ ଶବ୍ଦ ଏବଂ ଅଙ୍ଗଭଙ୍ଗୀକୁ ଏକତ୍ର କରେ | ○ କ୍ରମାଗତ ଭାବରେ ସରଳ ନିର୍ଦ୍ଦେଶେଗୁଡିକ ଅନୁସରଣ କରନ୍ତୁ<br>○ ଚିତ୍ର ପ୍ରତି ଆଗ୍ରହ ଦେଖାଏ<br>○ ନାମ କହିଲେ ଶରୀରର 1-2 ଟି ଅଂଶ ଚିହ୍ନଟ କରିପାରିବ |
| 18 ମାସ ସୁଦ୍ଧା | ○ ବାରମ୍ବାର ଶୁଣିଥିବା ଶବ୍ଦର ପୁନରାବୃତ୍ତି କରେ<br>○ ପ୍ରଶ୍ନଗୁଡିକର ଉତ୍ତର ଦିଅନ୍ତି<br>○ କଥାରେ ଏଣୁ ତେଣୁ ଶବ୍ଦର ବ୍ୟବହାର କରେ | ○ ପରିଚିତ ବସ୍ତୁ ଏବଂ ଚିତ୍ରରେ ଥିବା ଲୋକମାନଙ୍କୁ ସୂଚିତ କରେ |<br>○ "ଭିତରେ" ଏବଂ "ଉପରକୁ" କୁ ବୁଝେ<br>○ ମୁଣ୍ଡ ହଲାଇବା / ସମ୍ମତି ସହିତ ହଁ / ନା ପ୍ରଶ୍ନର ଉତ୍ତର |
| 21 ମାସ ସୁଦ୍ଧା | ○ ଅତିକମରେ 50 ଶବ୍ଦ ବ୍ୟବହାର କରେ<br>○ କ୍ରମାଗତ ଭାବରେ ନୂତନ ଶବ୍ଦର ଅନୁକରଣ କରନ୍ତୁ<br>○ ବସ୍ତୁ ଏବଂ ଚିତ୍ରଗୁଡ଼ିକର ନାମ ଦିଅନ୍ତୁ | ○ ସରଳ ସର୍ବନାମକୁ ବୁଝିଥାଏ (ମୋତେ, ତୁମେ ମୋର)<br>○ ଶୀଘ୍ରର ନୂତନ ଶବ୍ଦକୁ ବୁଝିଥାଏ<br>○ ନାମ କହିଲେ 3-5 ଶରୀରର ଅଂଶକୁ ଚିହ୍ନଟ କରିଥାଏ | |
| 24 ମାସ ସୁଦ୍ଧା | ○ ଖେଳେ ସମୟରେ ଅଙ୍ଗଭଙ୍ଗୀ ଏବଂ ଶବ୍ଦ ବ୍ୟବହାର କରେ<br>○ 2-ଶବ୍ଦ ବାକ୍ୟ ଖଣ୍ଡ ବ୍ୟବହାର କରିବା ଆରମ୍ଭ କରେ<br>○ ସରଳ ଉଚ୍ଚାରଣ ବ୍ୟବହାର କରେ (ମୋତେ, ତୁମେ, ମୋର) | ○ କାର୍ଯ୍ୟ ଶବ୍ଦ ଗୁଡ଼ିକୁ ବୁଝିଥାଏ<br>○ 2 ସୋପାନ ସମ୍ପର୍କିତ ଦିଗକୁ ଅନୁକରଣ କରେ ଯଥା ଆପଣଙ୍କର କୋଟକୁ ଉଠାଇ ଓ ଏହାକୁ ମୋ ପାଖକୁ ଆଣି<br>○ କାହାଣୀ ଶୁଣିବା ଉପଭୋଗ କରେ |
| 30 ମାସ ସୁଦ୍ଧା | ○ କ୍ରମାଗତ ଭାବରେ 2-3 ଶବ୍ଦ ବାକ୍ୟାଂଶ ବ୍ୟବହାର କରେ<br>○ "ଭିତରେ" ଏବଂ "ବାହାରେ" ବ୍ୟବହାର କରେ<br>○ ଅତିକମରେ 50% ବକ୍ତବ୍ୟ ଯତ୍ନକାରୀ ବୁଝିପାରନ୍ତି | ○ 2 ସୋପାନ ବିଶିଷ୍ଟ ଅଣସଂପୃକ୍ତ ଦିଗକୁ ଅନୁସରଣ କରେ ଯଥା "ମୋତ ବଲ୍ ଦିଅ ଓ ତୁମର କୋଟକୁ ଆଣ<br>○ ବିଶେଷ୍ୟ ଓ ସର୍ବନାମକୁ ବୁଝିଥାଏ<br>○ "ମୋର" ଓ "ତୁମରୁ" କୁ ବୁଝିଥାନ୍ତି |
| 36 ମାସ ସୁଦ୍ଧା | ○ "କଣ"ଏବଂ "କଉଁଠାରପ୍ରେଶ୍ନ ପଚାରି ଥାଏ<br>○ ବହୁବଚନ ବ୍ୟବହାର କରେ, ଯଥା "କୁକୁରଗୁଡ଼ିକ"<br>○ ଅଧିକାଂଶ କଥା ଯତ୍ନ କାରୀ ବୁଝି ପାରନ୍ତି | ○ ସବୁଠାରୁ ସରଳ ବାକ୍ୟକୁ ବୁଝିଥାନ୍ତି<br>○ ରଙ୍ଗ, ସ୍ଥାନ, ସମୟ ଆଦି ପରି ସରଳ ଶବ୍ଦକୁ ବୁଝିଥାଏ<br>○ "କାହିଁକି" ପ୍ରଶ୍ନକୁ ବୁଝିଥାଏ |

* ଅପରିପକ୍ୱତାକୁ ଏଡ଼ାଇବା ପାଇଁ ଶିଶୁର ବୟସକୁ ସଠିକ କରନ୍ତୁ ।

ଶିଶୁ ବିକାଶ ସମ୍ବନ୍ଧିତ ମାଗଣା ରେ ଅଧିକ ଉତ୍ସ ପାଇବା ପାଇଁ ଦୟାକରି www.Pathways.org ପରିଦର୍ଶନ କରନ୍ତୁ ।